بسم الله الرحمٰن الرحيم

**ଖୁତ୍‌ବା ଜୁମା ୦୬ ଅଗଷ୍ଟ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

**ହଜରତ ମସିହ୍ ମଉଦ୍ ଅ.ସ କହିଲେ, ମୋର ତୁମ ଉପରେ ସଂପୂର୍ଣ୍ଣ ସୁଧାରଣାଟି ରହିଛି । ଅତଏବ ତୁମେମାନେ ଅତିଥିମାନଙ୍କର ଉତ୍ତମ ରୂପେ ସେବା ସତ୍କାର କର । ହୁଜୁର ଅନୱର ଅ.ବ କହିଲେ ଯେ, ଏହି ସୁଧାରଣାଟି ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ଜଲ୍‌ସା ସାଲାନାକୁ ଆୟୁଧ କରି ଅତିଥି ସତ୍କାରକ ଏବଂ ଅତିଥିମାନଙ୍କ ଦାୟିତ୍ୱ ପ୍ରସଙ୍ଗରେ ଚର୍ଚ୍ଚା ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଆଜି ଇନ୍‌ଶାଅଲ୍ଲାଃ ଜଲ୍‌ସା ସାଲାନା ବ୍ରିଟେନ ଆରମ୍ଭ ହେଉଛି । ଏହି ଅବସରରେ ମୁଁ ସର୍ବପ୍ରଥମେ ଏହା କହିବାକୁ ଚାହୁଁଛି ଯେ, ଜଲ୍‌ସା ମଙ୍ଗଳପ୍ରଦ ଓ ସଫଳ ଭାବରେ ଆୟୋଜିତ ହେବା ପାଇଁ ବହୁତ ଦୁଆ କରନ୍ତୁ । ଅଂଶ ଗ୍ରହଣକାରୀ ପୁଣ୍ୟ ଏବଂ ଧର୍ମପରାୟଣତାରେ ଅଧିକ ଉନ୍ନତି କରନ୍ତୁ । କରୋନା ରୋଗ ଯୋଗୁଁ ଜଲ୍‌ସାରେ ଅଂଶ ଗ୍ରହଣକାରୀଙ୍କର ସଂଖ୍ୟା ଖୁବ୍ ସୀମିତ ସଂଖ୍ୟକ ଅଟେ । କିନ୍ତୁ ମୋତେ ସୂଚନା ମିଳିଛି ଯେ, ଘରମାନଙ୍କରେ ଏବଂ ଜମାଅତୀୟ ବ୍ୟବସ୍ଥାନୁଯାୟୀ ମଧ୍ୟ ଜଲ୍‌ସା ଶୁଣେଇବାର ବ୍ୟବସ୍ଥା ହୋଇଛି । ସେ ଯାହା ହେଉ ନା କାହିଁକି ଯେଉଁମାନେ ବି ଜଲ୍‌ସାରେ ଅଂଶ ଗ୍ରହଣ କରୁଛନ୍ତି ସେମାନେ ଏହି ମନୋଭାବ ପୋଷଣ କରି ଜଲ୍‌ସାରେ ସାମିଲ୍ ହୁଅନ୍ତୁ ଯେ, ସେମାନେ ଯେପରି ଜଲ୍‌ସା ସ୍ଥଳରେ ବସିଛନ୍ତି । ତେଣୁ ଆପଣମାନେ ଏହି ସମୟକୁ ଦୁଆ ତଥା ଈଶ୍ୱର ଚର୍ଚ୍ଚାରେ ଅତିବାହିତ କରନ୍ତୁ ।

ହୁଜୁର ଅନୱର ଅ.ବ କହିଲେ ଯେ, ଚଳିତ ବର୍ଷ ଜଲ୍‌ସାର ଆୟୋଜକଙ୍କ ପାଇଁ ଏବଂ ଅଂଶ ଗ୍ରହଣକାରୀଙ୍କ ପାଇଁ ପରିସ୍ଥିତି ସଂପୂର୍ଣ୍ଣ ଭିନ୍ନ ଅଟେ । କେତେକ ସୁବିଧା ଉପଲବ୍ଧ ହେବ ନାହିଁ । ଏଣୁ ଅଂଶଗ୍ରହଣକାରୀମାନେ ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯଦି କିଛି ତ୍ରୁଟି ରହିଯାଏ ତେବେ ତାହାକୁ ଅଣଦେଖା କରିବେ । ହୁଜୁର ଅନୱର୍ ଅ.ବ ଏହି ପ୍ରସଙ୍ଗକୁ ଭିତ୍ତି କରି ଦୁଆ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦେବା ପାଇଁ ଅନୁପ୍ରାଣିତ କଲେ ଏବଂ ଅତିଥି ସତ୍କାର ସଂପର୍କରେ କହିଲେ ଯେ, ଜଲ୍‌ସାରୁ ଗୋଟିଏ ଦିନ ପୂର୍ବେ ସାଧାରଣ ଭାବରେ ମୁଁ ଅତିଥିମାନଙ୍କୁ ଏବଂ ଡ଼ିୟୁଟି ଦେଉଥିବା ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କ ଦାୟିତ୍ୱ ପ୍ରତି ଦୃଷ୍ଟି ଆକର୍ଷିତ କରିଥାଏ । ଚଳିତ ବର୍ଷ କିନ୍ତୁ ଏପରି ହୋଇପାରିଲା ନାହିଁ, ତେଣୁ ଆଜି କିଛି କହିବି ।

ହୁଜୁର ଅନୱର୍ ଅ.ବ କହିଲେ ଯେ, ଅତିଥି ସତ୍କାର କରିବାରେ କୌଣସି ପ୍ରକାର ମନସ୍ତାପ କରିବା ଉଚିତ ନୁହେଁ। ଆୟୋଜକଙ୍କୁ ଏହି ଚେଷ୍ଟା କରିବା ଉଚିତ ଯେ, ଅତିଥିମାନଙ୍କ ମନରେ କୌଣସି ଅଭିଯୋଗ କିମ୍ବା ଆପତ୍ତି ଯେପରି ସୃଷ୍ଟି ନହେଉ । ବର୍ତ୍ତମାନ ପ୍ରତ୍ୟେକ ସ୍ତରର ସ୍ୱେଚ୍ଛାସେବୀ କର୍ମଚାରୀମାନେ ନିଜ ଡ଼ିୟୁଟିରେ ଓ କାର୍ଯ୍ୟରେ ଅଧିକ ଅଭିଜ୍ଞ ହୋଇଯାଇଛନ୍ତି ଏବଂ ବହୁତ ବଡ଼ ବଡ଼ ଦାୟିତ୍ୱ ନିର୍ବାହ କରିବା ପାଇଁ ସକ୍ଷମ ହୋଇଗଲେଣି, ଏପରିକି ନୂତନ ଅଂଶଗ୍ରହଣକାରୀଙ୍କୁ ମଧ୍ୟ ସେମାନେ ପ୍ରଶିକ୍ଷଣ ଦେଇପାରିବେ । ତେଣୁ ଏହି ଦୃଷ୍ଟିକୋଣରୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ଯେ, ନବାଗତଙ୍କୁ କାମ ଆସୁ ନାହିଁ । କିନ୍ତୁ ଅଲ୍ଲାଃତାଲାଙ୍କର ଏହି ଆଦେଶ ରହିଛି ଯେ, ବିଶ୍ୱାସକାରୀଙ୍କୁ ସେମାନଙ୍କ କର୍ତ୍ତବ୍ୟ ସ୍ମରଣ କରାଉଥିବା ଉଚିତ । କାରଣ ଏହା ତାଙ୍କ ପାଇଁ ଲାଭଦାୟକ ଅଟେ । ପୁନଶ୍ଚ ଯେପରି ମୁଁ କହିଲି ଯେ, ଜଲ୍‌ସାର ସଂକ୍ଷିପ୍ତ ଆୟୋଜନ ହୋଇଛି । ଏଣୁ କେତେକ ପ୍ରସଙ୍ଗରେ ଅସାବଧାନତା ଯୋଗୁଁ ତ୍ରୁଟି ରହିଯାଇଥାଇ ପାରେ । ପାଗ ଖରାପ ଯୋଗୁଁ କେତେକ ବିଭାଗରେ ବିଶେଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଅତିଥି ସ୍ୱଳ୍ପ ସଂଖ୍ୟକ ଥାଆନ୍ତୁ ଅବା ଅଧିକ ସଂଖ୍ୟକ ଥାଆନ୍ତୁ, ଜଲ୍‌ସାରେ ଆସିଥିବା ପ୍ରତ୍ୟେକ ଅତିଥି ହ. ମସିହ୍ ମଉଦ୍ ଅ.ସଙ୍କର ଅତିଥି । ତେଣୁ ଆମମାନଙ୍କୁ ସେମାନଙ୍କର ଆତିଥ୍ୟତା ବେଶ ସୁନ୍ଦର ଭାବରେ ସମ୍ପାଦନ କରିବା ଉଚିତ ।

ହୁଜୁର ଅନୱର୍ ଅ.ବ କହିଲେ ଯେ, ଆତିଥ୍ୟତା ଏଭଳି ଏକ ଆଚରଣ ଯାହାକି ଅବତାରମାନଙ୍କର ଏକ ବିଶେଷ ଗୁଣ ମଧ୍ୟରେ ଅନ୍ତର୍ଭୁକ୍ତ । ଅତଏବ ଧାର୍ମିକ ଜମାଅତ୍ ହେବା ଯୋଗୁଁ ଆମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆମମାନଙ୍କ ମଧ୍ୟରେ ଆତିଥ୍ୟତାର ଗୁଣାବଳୀ ସ୍ପଷ୍ଟ ଭାବରେ ବୃଦ୍ଧି ପାଉ । ଆଁହଜରତ ସ.ଅଙ୍କ କାଳରେ ମଧ୍ୟ ଯେତେବେଳେ ଅତିଥିମାନେ ଅଧିକ ସଂଖ୍ୟାରେ ଆସିବା ଆରମ୍ଭ କଲେ ସେତେବେଳେ ଆପଣ ସ.ଅ ସାହାବାମାନଙ୍କ ମଧ୍ୟରେ ଅତିଥିମାନଙ୍କୁ ବାଣ୍ଟି ଦେଉଥିଲେ । ସାହାବାମାନେ ମଧ୍ୟ ପ୍ରସନ୍ନ ଚିତ୍ତର ସହିତ ଅତିଥିମାନଙ୍କୁ ନିଜ ସାଙ୍ଗରେ ନେଇ ଯାଉଥିଲେ ଏବଂ ଯେତେବେଳେ ସକାଳ ହେଉଥିଲା ସେତେବେଳେ ହୁଜୁର ଅ.ସ ଅତିଥିମାନଙ୍କର ଅବସ୍ଥା ପଚାରି ବୁଝୁଥିଲେ । ତେବେ ପ୍ରତ୍ୟେକ ଅତିଥିଙ୍କ ଏହି ଉତ୍ତର ହେଉଥିଲା ଯେ, ଆମେମାନେ ଏଭଳି ଅତିଥିସତ୍କାରକ ପୂର୍ବରୁ କଦାପି ଦେଖି ନାହୁଁ ଯେଉଁମାନେ ଏଭଳି ଅତିଥି ସତ୍କାରକର କର୍ତ୍ତବ୍ୟ ନିର୍ବାହ କରିଥିବେ ? ଅତଏବ ଆମମାନଙ୍କ ଆଗରେ ଏହି ଆଦର୍ଶ ରହିଛି ଏବଂ ସାଂପ୍ରତିକ ଯୁଗରେ ଆମେମାନେ ଯେତେବେଳେ ହ. ମସିହ୍ ମଉଦ୍ ଅ.ଙ୍କୁ ମାନିଛେ ଓ ତାଙ୍କର ଆନୁଗତ୍ୟ ସ୍ୱୀକାର କରିଛେ ସେତେବେଳେ ଆପଣ ଅ.ସ ମଧ୍ୟ ଏହି ପ୍ରସଙ୍ଗରେ ଆମମାନଙ୍କୁ ଅନୁପ୍ରାଣିତ କରିଛନ୍ତି ।

ହୁଜୁର ଅନୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କ ଇକ୍ତେବାସ୍ (ସନ୍ଦର୍ଭ) ସଂପର୍କରେ କହିଲେ ଯେ, ଯଦି ଅତିଥି କଟୁ ବଚନ ପ୍ରୟୋଗ କରନ୍ତି ତେବେ ସେପରିପ୍ରେକ୍ଷୀରେ ମଧ୍ୟ ଆପଣମାନେ ଅତିଥି ଉପରେ କ୍ଷୁବ୍ଧ ଭାବ ପ୍ରକାଶ କରନ୍ତୁ ନାହିଁ, ମନ ଊଣା କରନ୍ତୁ ନାହିଁ । ଯଦି ଅତିଥି ଅହେମଦି ମଧ୍ୟ ହୋଇଥାଏ, ଆପଣମାନେ କଟୁ ଉତ୍ତର ଦିଅନ୍ତୁ ନାହିଁ । ଅତିଥି ଆପଣା ହୁଅନ୍ତୁ କିମ୍ବା ପର ହୁଅନ୍ତୁ, ଅତିଥିମାନଙ୍କ ସଂପର୍କରେ ହ. ମସିହ୍ ମଉଦ୍ ଅ.ସଙ୍କ ଅସାଧାରଣ ଆଦର୍ଶ ତଥା ଉଦାହରଣ ଦେଖିବାକୁ ମିଳିଥାଏ ଏବଂ କାହିଁକି ବା ଦେଖିବାକୁ ନମିଳିବ ? ଏହି ଯୁଗରେ ହ. ମସିହ୍ ମଉଦ ଅ.ସ ହିଁ ସେହି ସର୍ବୋଚ୍ଚ ଚରିତ୍ର ଏବଂ ଆଦର୍ଶ ସ୍ଥାପନ କରିଥିଲେ, ଯଦ୍ୱାରା ଇସ୍‌ଲାମ୍‌ର ସୁନ୍ଦର ଛବି ଆମମାନଙ୍କ ସମ୍ମୁଖରେ ପ୍ରତିୟମାନ ହେଲା ଏବଂ ଆମମାନେ ତାହାକୁ ସଂସାର ସମ୍ମୁଖରେ ପସ୍ଥାପିତ କରିବା ଉଚିତ ।

ହୁଜୁର ଅନୱର ଅ.ବ କହିଲେ ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅଙ୍କ ସହିତ ହ. ମସିହ୍ ମଉଦ ଅ.ସଙ୍କ ଆତିଥ୍ୟତାର ଏକ ଘଟଣା ଉଲ୍ଲେଖ ରହିଛି, ଯହିଁରେ ହ. ମସିହ୍ ମଉଦ୍ ଅ.ସ ସ୍ୱୟଂ ସ୍ୱହସ୍ତରେ ଏକ ଟ୍ରେରେ ଭୋଜନ ରଖି ତାଙ୍କ ପାଇଁ ଆଣିଲେ । ଏହି ଦୃଶ୍ୟକୁ ଦେଖି ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବଙ୍କ ଆଖିରେ ସହସା ଲୁହ ବାହାରି ଆସିଲା। କାରଣ ଯେତେବେଳେ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କର ମାର୍ଗଦର୍ଶକ ଏବଂ ଧର୍ମାଧ୍ୟକ୍ଷ ହୋଇ ଆମର ଏଭଳି ସେବା, ସତ୍କାର କରୁଛନ୍ତି ସେତେବେଳେ ଆମେ ଅହେମଦିମାନେ ମଧ୍ୟ ପରସ୍ପର ସହିତ କିଭଳି ପ୍ରେମଭାବ ପ୍ରଦର୍ଶନ କରିବା ଉଚିତ ।

ଏକଦା ଅତିଥିଙ୍କ ପାଇଁ ଯେତେବେଳେ ବିଛଣାର ଅଭାବ ଦେଖାଦେଲା ସେତେବେଳେ ହ. ମସିହ୍ ମଉଦ ଅ.ସ ଘରର ସମସ୍ତ ବିଛଣା ଅତିଥିଙ୍କୁ ଦେଇଦେଲେ ଏବଂ କୌଣସି ଅତିଥିଙ୍କୁ ମଧ୍ୟ ଏ ସଂପର୍କରେ ଜ୍ଞାତ ହେବାକୁ ଦେଲେ ନାହିଁ, ସେ ସ୍ୱୟଂ ବିନା ବିଛଣାରେ ରାତି କାଟିଲେ । ବେଳେବେଳେ କେତେକ ଲୋକମାନେ କୁର୍ବାନୀ (ବଳିଦାନ) ତ' କରି ଦିଅନ୍ତି । କିନ୍ତୁ ପରେ ତାହା ଅନ୍ୟମାନଙ୍କ ଆଗରେ ବଖାଣିଥାନ୍ତି ଯେ, ଆମେମାନେ ଏପରି ବଳିଦାନ କରିଛୁ । ଏକ ଅବସରରେ ହ. ମସିହ୍ ମଉଦ ଅ.ସ କହିଲେ ଯେ, ମୋତେ ସର୍ବଦା ଏହି କଥାଟି ଜ୍ଞାତ ରହିଥାଏ ଯେ, କୌଣସି ଅତିଥିଙ୍କୁ ଯେପରି କଷ୍ଟ ନହେଉ। ହୁଜୁର୍ ଅ.ସ କହିଲେ **ଅତିଥିଙ୍କ ହୃଦୟ ଦର୍ପଣ ପରି ଯାହାକି ସାମାନ୍ୟ ଆଘାତ ଲାଗିବା ଫଳରେ ତାହା ଭାଙ୍ଗି ଚୁରମାର ହୋଇଯାଇଥାଏ ।**

ହୁଜୁର ଅନୱର୍ ଅ.ବ କହିଲେ ଯେ, ପ୍ରଥମେ ହ. ମସିହ୍ ମଉଦ୍ ଅ.ସ ଅତିଥିମାନଙ୍କ ସହିତ ବସି ଭୋଜନ କରୁଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଅତିଥିମାନଙ୍କର ସଂଖ୍ୟାରେ ବୃଦ୍ଧି ଘଟିବା ଯୋଗୁଁ ଆପଣ ଅ.ସ ଏହି ପରମ୍ପରାକୁ ଆଉ ବଜାୟ ରଖିପାରିଲେ ନାହିଁ । ସୁତରାଂ ଏକଦା ଲଙ୍ଗରଖାନାର ଇନ୍‌ଚାର୍ଜ ସାହେବଙ୍କୁ ହୁଜୁର ଅ.ସ ଉପଦେଶ ଦେଇ କହିଲେ ଯେ, ସମସ୍ତ ଅତିଥିଙ୍କୁ ବାଧ୍ୟତାମୂଳକପୂର୍ବକ ସମାନ ଆଦର, ସମ୍ମାନ ପ୍ରଦର୍ଶନ କରିବା ମନେକରି ସେମାନଙ୍କର ସେବା ସତ୍କାର କର । ହୁଜୁର ଅନୱର୍ ଅ.ବ କହିଲେ ଯେ, ସମସ୍ତ ଅତିଥିମାନଙ୍କର ନିରବଚ୍ଛିନ୍ନ ଭାବରେ ସେବା କରିବା ଉଚିତ । ହ. ମସିହ୍ ମଉଦ୍ ଅ.ସ ଅଧିକନ୍ତୁ କହିଲେ ଯେ, ମୋର ତୁମ ଉପରେ ସଂପୂର୍ଣ୍ଣ ସୁଧାରଣା ରହିଛି । ଅତଏବ

ତୁମେମାନେ ଅତିଥିମାନଙ୍କ ପ୍ରତି ଉତ୍ତମ ସେବା ସମ୍ପାଦନ ପ୍ରଦର୍ଶନ କର । ହୁଜୁର ଅନୱର୍ ଅ.ବ କହିଲେ ଯେ, ଏହା ହିଁ ସେହି ସୁଧାରଣା ଯାହା ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହିଛି ।

ହୁଜୁର ଅନୱର୍ ଅ.ବ କହିଲେ : ମୋତେ ଜ୍ଞାତ ଅଛି ଯେ, କେତେକ ବିଭାଗରେ ସ୍ୱେଚ୍ଛାସେବୀ କର୍ମୀମାନଙ୍କୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତଥାପି ପ୍ରତ୍ୟେକ ପରିସ୍ଥିତିରେ ଅତିଥିମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଉଚିତ ଏବଂ ନିଜ ଉପରେ ଏହା ନ୍ୟସ୍ତ କରିନେବା ଉଚିତ ଯେ, ଆପଣମାନେ ନିଜର ଉଚ୍ଚ ଆଦର୍ଶମୂଳକ ଆଚରଣ ପ୍ରଦର୍ଶନ କରିବେ । ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅବଶ୍ୟ କମ ଅଟେ, କିନ୍ତୁ ଏହାସତ୍ତ୍ୱେ ମଧ୍ୟ କେତେକ ସ୍ୱେଚ୍ଛାସେବୀ କର୍ମୀମାନେ ଯେତେବେଳେ ଅତିଥିମାନଙ୍କୁ କୌଣସ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରନ୍ତି ତାହାହେଲେ ସମ୍ଭବତଃ କେତେକ ଅତିଥିମାନେ ମନଦୁଃଖ ଅବା ମନଉଣା କରିବେ । କିନ୍ତୁ ଯଦି କେହି ତୁମ କଥା ପ୍ରତି କର୍ଣ୍ଣପାତ ନକରନ୍ତି ତଥାପି ଆପଣମାନେ ବିନମ୍ରତା ଓ ପ୍ରେମର ସହିତ ଅତିଥିଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତୁ । ଅନେକ ଅତିଥିଙ୍କୁ ମଧ୍ୟ ଜ୍ଞାତ ଅଛି ଯେ, ଏହିସବୁ କଟକଣାକୁ ପାଳନ କରିବା ଉଚିତ । ଯଦି ସ୍ୱେଚ୍ଛାସେବୀମାନେ ମଧ୍ୟ ଯୁକ୍ତି କରିବା ଅବା କଠୋରତା ପ୍ରଦର୍ଶ କରିବା ଆରମ୍ଭ କରନ୍ତି ତେବେ ବାତାବରଣ ଅଶାନ୍ତ ଏବଂ ବିଶୃଙ୍ଖଳତି ହୋଇଯିବ ।

ହୁଜୁର ଅନୱର ଅ.ବ କହିଲେ ଯେ, ଆଁହଜରତ ସ.ଅ ଜଣେ ବିଶ୍ୱାସକାରୀର ଏହି ଲକ୍ଷଣ ଦର୍ଶାଇଛନ୍ତି ଯେ, ବିଶ୍ୱାସକାରୀ ସର୍ବଦା ଅତିଥିର ଆଦର, ସମ୍ମାନ କରିଥାଏ । ଏହିଭଳି ସୁଗୁଣମାନ ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରେ ଜାତ ହେବା ଉଚିତ । ହୁଜୁର ଅନୱର ଅ.ବ କହିଲେ: ଏହି କଥାକୁ ଅତିଥିମାନେ ସ୍ମରଣ ରଖନ୍ତୁ ଯେ, ଇସ୍‌ଲାମ୍ ଯେଉଁଠି ଅତିଥି ସତ୍କାରକର ଧ୍ୟାନ ଆକର୍ଷଣ କରିଛି ସେଠାରେ ଅତିଥିମାନଙ୍କୁ ମଧ୍ୟ ସେମାନଙ୍କ ଦାୟିତ୍ୱବୋଧ ପ୍ରତି ଦୃଷ୍ଟି ଆକର୍ଷଣ କରିଛି। ଅତିଥି ସତ୍କାରକଙ୍କ କାର୍ଯ୍ୟ ବ୍ୟସ୍ତତା ଓ ଅସୁବିଧାକୁ ମଧ୍ୟ ବୁଝନ୍ତୁ । ଅତିଥି ସତ୍କାରକକୁ କହିଲେ ଯେ, ଅତିଥିମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କର । ଅପର ପାର୍ଶ୍ୱରେ ଅତିଥିମାନଙ୍କୁ ମଧ୍ୟ କହିଲେ ଯେ, ଯଦି ଅତିଥି ସତ୍କାରକ ତୁମକୁ ଗୃହ ମଧ୍ୟକୁ ଆସିବାକୁ ଅନୁମତି ନଦିଅନ୍ତି ତାହାହେଲେ ତୁମେ ତାଙ୍କ ଘରକୁ ଯିବା ଅନୁଚିତ ଅଟେ । ଅଲ୍ଲାଃତାଲା ଜଣେ ବିଶ୍ୱାସକାରୀ ପାଇଁ ଏହା ନୈତିକ ନିର୍ଦ୍ଦେଶାବଳୀ ପ୍ରଣୟନ କରିଛନ୍ତି ଏବଂ ମୌଳିକ ଚରିତ୍ରର ମାର୍ଗଦର୍ଶନ କରି ଏହା ଆଦେଶ ଦେଇଛନ୍ତି ଯେ, *ବିଶ୍ୱସାକାରୀମାନଙ୍କୁ ଯେତେବେଳେ ଏହା କୁହାଯାଏ ଯେ, ସେମାନେ ଫେରି ଯାଆନ୍ତୁ ସେତେବେଳେ ସେମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ, ସେମାନେ ସେଠାରୁ ଫେରି ଯାଆନ୍ତୁ । କାରଣ ଏହା ସେମାନଙ୍କ ପକ୍ଷେ ପବିତ୍ରତାର କାରଣ ସାଜିବ ।* ହୁଜୁର ଅନୱର୍ ଅ.ବ କହିଲେ ଯେ, ଜଲ୍‌ସାରେ ଅଂଶ ଗ୍ରହଣ କରିବାର ଏକ ମହତ୍ୱପୂର୍ଣ୍ଣ ଅଭିପ୍ରାୟ ହେଉଛି ଯେ, ଜଣେ ନିଜର ଆତ୍ମଶୁଦ୍ଧି କରିବା ସଙ୍ଗେସଙ୍ଗେ ନିଜର ଆତ୍ମାକୁ ଶାନ୍ତି ପ୍ରଦାନ କରୁ। ତେଣୁ କେତେକ ଲୋକେ ମୋ ପଛରେ ପଡ଼ି ମୋତେ ପତ୍ର ଲେଖିଛନ୍ତି ସେମାନେ ଜମାଅତ୍‌ର ନିୟମାବଳୀଗୁଡ଼ିକୁ ପାଳନ କରନ୍ତୁ ।

ହୁଜୁର ଅନୱର୍ ଅ.ବ କହିଲେ  ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବାର ସାହାବାମାନଙ୍କର ମଧ୍ୟ ବିଚିତ୍ର ଉଦାହରଣ ରହିଛି । ଜଣେ ସାହାବିଙ୍କ ଚର୍ଚ୍ଚା କରି ହୁଜୁର ଅନୱର ଅ.ବ କହିଲେ ଯେ, ଜଣେ ସାହାବି ଅନ୍ୟ ସାହାବିଙ୍କ ନିକଟକୁ ଯାଇ କହୁଥିଲେ ଯେ, ମୁଁ ପବିତ୍ର କୁରଆନ୍ କରୀମର ଏହି ଆଦେଶାବଳୀଗୁଡ଼ିକର ଅନୁସରଣ କରିବା ସକାଶେ କାହାରି ଘରେ ବିନା ଅନୁମତିରେ ପ୍ରବେଶ କରୁ ନଥିଲି । ଅପର ପକ୍ଷରେ ଅନ୍ୟ ସାହାବି ମଧ୍ୟ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରି ତାଙ୍କୁ ଘର ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ପ୍ରଦାନ କରୁଥିଲେ । ଉଭୟ ପକ୍ଷ ଅର୍ଥାତ ଅତିଥି ଓ ଅତିଥି ସତ୍କାରକ ଉଭୟେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି କରିବା ପାଇଁ ନିଜର କର୍ତ୍ତବ୍ୟକୁ ପବିତ୍ର କୁରଆନ କରୀମ୍ ଅନୁଯାୟୀ କାର୍ଯ୍ୟାନୁସରଣ କରୁଥିଲେ । ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ପ୍ରତି ଦୃଷ୍ଟି ଆକର୍ଷଣ କରି ନିଜର କର୍ମ ତଥା ଆଚରଣ ଦ୍ୱାରା ଏକ ଉଦାହରଣ ସ୍ଥାପିତ କରିଛନ୍ତି । ହୁଜୁର ଅନୱର୍ ଅ.ବ କହିଲେ ଯେଉଁ ଲୋକମାନେ ଜଲ୍‌ସାରେ ସାମିଲ୍ ହୋଇପାରିବେ ନାହିଁ ବୋଲି ମନେକରୁଛନ୍ତି, ସେମାନଙ୍କୁ ସାମିଲ୍ ହେବା ପାଇଁ ଉଦ୍ୟମ କରିବା ଉଚିତ। ଯେଉଁମାନଙ୍କୁ ଜଲ୍‌ସାରେ ଅଂଶ ଗ୍ରହଣ କରିବା ପାଇଁ ଅନୁମତି ପ୍ରାପ୍ତ ହୋଇଛି ସେମାନେ ବିନା କୌଣସି

ଦୁବିଧାରେ ଜଲ୍‌ସାରେ ଅବଶ୍ୟ ସାମିଲ ହୁଅନ୍ତୁ । ଅନ୍ୟଥା ସେହି ଲୋକମାନଙ୍କର ଅଧିକାର କ୍ଷୁର୍ଣ୍ଣ ହେବ ଯେଉଁମାନଙ୍କୁ ଜଲ୍‌ସାକୁ ଆସିବାକୁ ଅନୁମତି ପତ୍ର ପ୍ରଦାନ କରାଯାଇ ନାହିଁ । ତେଣୁ ଖରାପ ପାଗକୁ ଆଳ କରି ଜଲ୍‌ସାରେ ଉପସ୍ଥିତ ହେବାରୁ ବଞ୍ଚିତ ରୁହନ୍ତୁ ନାହିଁ ।

ହୁଜୁର ଅନୱର୍ ଅ.ବ କହିଲେ: ରବ୍‌ୱା, କାଦିୟାନ୍‌ରେ ମୁକ୍ତ ଆକାଶରେ ପ୍ରଚଣ୍ଡ ଶୀତ ଦିନେ ଜଲ୍‌ସା ଅନୁଷ୍ଠିତ ହୋଇଥାଏ । ୟୁ.କେ ସ୍ଥିତ ଇସ୍‌ଲାମାବାଦ ଠାରେ ମଧ୍ୟ ପ୍ରାରମ୍ଭିକ ଜଲ୍‌ସାରେ ଜଲ୍‌ସା ସ୍ଥଳ ମଧ୍ୟରେ ଜଳ ପ୍ରବେଶ କରିଯାଉଥିଲା । ହୁଜୁର ଅନୱର୍ ଅ.ବ ନିଜର ଉଦାହରଣ ଦେଇ କହିଲେ ଯେ, ମୋର ମଧ୍ୟ ଏହି ଅନୁଭୂତି ରହିଛି ଯେ, ପ୍ରାରମ୍ଭିକ ଜଲ୍‌ସାରେ ସିଜ୍‌ଦା କଲାବେଳେ ମୋ ମଥା ଓ ଆଣ୍ଠୁରେ ମଧ୍ୟ ପାଣି କାଦୁଅ ଲାଗି ଯାଉଥିଲା । ଯାହାକୁ ମୁଁ ସଫା କରି ଦେଉଥିଲି । କିନ୍ତୁ ମୁଁ ସମସ୍ତଙ୍କ ଠାରେ ଗୋଟିଏ କଥା ଲକ୍ଷ୍ୟ କରିଛି ଯେ, ସମସ୍ତ ଲୋକମାନେ ଏକ ଉତ୍ସାହ ଓ ଆବେଗପୂର୍ଣ୍ଣ ସହିତ ଜଲ୍‌ସା ସାଲାନାରେ ଅଂଶ ଗ୍ରହଣ କରୁଥିଲେ । ଅତଃ ହୁଜୁର ଅନୱର୍ ଅ.ବ ପୁନର୍ବାର କହିଲେ ଯେଉଁମାନଙ୍କୁ ଜଲ୍‌ସାରେ ଆସିବାକୁ ନିମନ୍ତ୍ରଣ ପତ୍ର ପ୍ରାପ୍ତ ହୋଇଛି ସାମାନେ ନିଶ୍ଚିତ ଜଲ୍‌ସାରେ ସାମିଲ ହୁଅନ୍ତୁ ।

ହୁଜୁର ଅନୱର୍ ଅ.ବ କେତେକ ବ୍ୟବସ୍ଥା ସଂପର୍କିତ କଥା ଆଡ଼କୁ ଦୃଷ୍ଟି ଆକର୍ଷଣ କରି କହିଲେ, ସାମାଜିକ ଦୂରତା ରକ୍ଷା କରନ୍ତୁ । ଯଦିଓ ଖାଦ୍ୟ ଖାଇବା ସମୟରେ ମାସ୍କ ଓହ୍ଲାଇବାକୁ ପଡ଼ିଥାଏ, କିନ୍ତୁ ଖାଦ୍ୟ ନେବା ସମୟରେ ମଧ୍ୟ ଏହି କଥା ପ୍ରତି ବିଶେଷ ଧ୍ୟାନ ଦେବେ ଯେ, ସାମାଜିକ ଦୂରତା ରକ୍ଷା କରିବା ଏବଂ ମୁହଁରେ ମାସ୍କ ଲଗାଇ ରଖିବା ଅନିର୍ବାର୍ଯ୍ୟ। ସେହିପରି ଡ଼ିୟୁଟି ଦେଉଥିବା କର୍ମଚାରୀମାନେ ମଧ୍ୟ ଏହି କଥାକୁ ସୁନିଶ୍ଚିତ କରନ୍ତୁ ଯେ, ସେମାନେ ସର୍ବଦା ମାସ୍କ ବ୍ୟବହାର କରିବେ । ସେହିପରି ସ୍ଲୋଗାନ ଦେବାର ଯେଉଁ ବ୍ୟବସ୍ଥା କରାଯାଇଛି ଯେ, ସମସ୍ତେ ସତର୍କତା ଅବଲମ୍ବନ କରି ସ୍ଲୋଗାନ ଦେବା ସମୟରେ ମଧ୍ୟ ମୁହଁରୁ ମାସ୍କ କାଢନ୍ତୁ ନାହିଁ । ସେହିପରି ହୁଜୁର ଅନୱର୍ ଅ.ବ କହିଲେ, ଯେଉଁ ଲୋକମାନେ ଦୀର୍ଘ ଦିନ ପରେ ପରସ୍ପରକୁ ଭେଟ କରୁଛନ୍ତି, ଦୀର୍ଘ ଦିନର ସାକ୍ଷାତ ସେମାନଙ୍କୁ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିବାରୁ ବଞ୍ଚିତ କରି ନଦେଉ କିମ୍ବା ଦୁଆ କରିବାରୁ ସେମାନଙ୍କୁ ବଞ୍ଚିତ କରି ନଦେଉ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଜଲ୍‌ସା ଦିନରେ ଜିକ୍ରେ ଇଲାହୀ (ଈଶ୍ୱର ଚର୍ଚ୍ଚା) ପ୍ରତି ଧ୍ୟାନ ଆକର୍ଷଣ କରି ଏକ ନିଗୂଢ ରହସ୍ୟ ବର୍ଣ୍ଣନା କରିଛନ୍ତି ଯେ ଅଲ୍ଲାଃତାଲାଙ୍କୁ ସ୍ମରଣ କରିବ, ଚର୍ଚ୍ଚା କରିବା ଫଳରେ ତାହାଙ୍କ ଭକ୍ତଙ୍କ ଚର୍ଚ୍ଚା କରିଥାଏ । ତା' ଠୁ ବଳି ଆଉ କିଏ ବା ସୌଭାଗ୍ୟଶାଳୀ ହୋଇପାରିବ ଯାହାର ଅଲ୍ଲାଃତାଲା ଚର୍ଚ୍ଚା କରିବେ । ହୁଜୁର ଅନୱର୍ ଅ.ବ କହିଲେ ଯେ, ସମସ୍ତ ଅହେମଦିମାନେ ଯେଉଁମାନେ ନିଜ ଦେଶରେ ଘରେ ବସି ଜଲ୍‌ସା ଶୁଣୁଛନ୍ତି ସେମାନେ ମଧ୍ୟ ଜିକ୍ରେ ଇଲାହୀ (ଈଶ୍ୱର ଚର୍ଚ୍ଚା) କରନ୍ତୁ । ଜଲ୍‌ସାର କାର୍ଯ୍ୟକ୍ରମକୁ ମନଯୋଗପୂର୍ବକ ଶୁଣନ୍ତୁ ଏବଂ ଜଲ୍‌ସାର ପରିବେଶରୁ ଭରପୁର ଲାଭାବାନ ହେବା ପାଇଁ ଉଦ୍ୟମ କରନ୍ତୁ । ଅଲ୍ଲାଃତାଲା କରନ୍ତୁ ଯେ, ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଷ୍ଠାପରତାରେ ଉନ୍ନତି କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

.....................................

KHULASA KHUTBA JUMA HUZOOR ANWAR a.b.a
6th Aug 2021